# ଲୋକ ଉପାଦାନର ସଫଳ ରୂପାୟଣ ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ'

**ଡ. ଗୀତାଞ୍ଜଳି ସାହୁ**

ବିଭାଗୀୟ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହିମା ମହାବିଦ୍ୟାଳୟ, ଯୋରନ୍ଦା, ଢେଙ୍କାନାଳ

**E-Mail:** drgeetanjalisahoo@gmail.com

**Article No :** BB-I-IV-2025-06
**DOI No :** 10.64647/bb.vol.1.issue4.2025.6
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date :** 17-08-2025
**Publication Date :** 14-10-2025

**ସଂକ୍ଷିପ୍ତସାର:** Abstract

ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତରେ ନାଟ୍ୟକାର ବିଜୟ ମିଶ୍ର ଜଣେ ବହୁ ପରିଚିତ ନାମ। ତାଙ୍କର ନାଟକଗୁଡ଼ିକ ଉଭୟ ବୌଦ୍ଧିକ ଏବଂ ସାଧାରଣ ଲୋକଙ୍କୁ ମନୋରଂଜନ ତଥା ଉପଯୁକ୍ତ ଶିକ୍ଷା ଦେବାରେ କେବେବି ପଛ ଘୁଞ୍ଚା ଦେଇନାହିଁ । ସତୁରି ଦଶକ ପରବର୍ତ୍ତୀ ସମୟରେ ନାଟକରେ ଦର୍ଶକଙ୍କ ଅଭାବ ଜନିତ ସମସ୍ୟାକୁ ଦୂରେଇବା ପାଇଁ ଅନ୍ୟ ନାଟ୍ୟକାରଙ୍କ ଭଳି ସେ ମଧ୍ୟ ପ୍ରଚେଷ୍ଟା କରିଛନ୍ତି। ଯାହାର ଫଳସ୍ୱରୂପ ଦର୍ଶକ ପାଇଛନ୍ତି 'ଜଣେ ରାଜା ଥିଲେ' ଭଳି ଏକ ବୋଧଗମ୍ୟ ଏବଂ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପିତ ରାଜନିତିର ବାସ୍ତବ ଚିତ୍ରକୁ ଦର୍ଶାଉଥିବା ନାଟକ। ଉକ୍ତ ନାଟକରେ ଲୋକକାହାଣୀ, ଲୋକ ନାଟକ, ଲୋକଗୀତ ଆଦି ଲୋକ ଉପାଦାନର କେଉଁ ଭଳି ସଫଳ ପ୍ରୟୋଗ ହୋଇଛି ଏବଂ ନାଟ୍ୟକାରଙ୍କ ଦର୍ଶକଙ୍କୁ ଫେରାଇ ଆଣିବାର ଉଦ୍ଦେଶ୍ୟ ସାର୍ଥକତା ଲାଭ କରିଛି ତାହା ଆଲୋଚିତ।

**ମୂଳଶବ୍ଦ :** ଜଣେ ରାଜା ଥିଲେ, ଲୋକ ଉପାଦାନ, ଲୋକକାହାଣୀ ଶୈଳୀ, ସିଂହାସନ, ପୁତ୍ତଳିକା, ଓଟମୁହାଁ, ନିରଞ୍ଜନ, ଦେବୀ, କଥାଣି ଶୈଳୀ, ଲୋକଗୀତ ଶୈଳୀ, କଣ୍ଢେଇ ନାଟ୍ୟ ଶୈଳୀ, ଯାତ୍ରା ଶୈଳୀ, ମୁଖା, ବିବେକ।

ବିଶ୍ୱ ନାଟ୍ୟ ସହିତ ସମକକ୍ଷ କରିବାର ଲାଳସାରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ପାଶ୍ଚାତ୍ୟ ଶୈଳୀକୁ ନେଇ ଯେଉଁ ପରୀକ୍ଷା-ନିରୀକ୍ଷା କରାଗଲା ତାହାର ପ୍ରଭାବରେ ନାଟକ ଦର୍ଶକଙ୍କ ପାଇଁ ଦୁର୍ବୋଧ୍ୟ ହୋଇଗଲା । ଦର୍ଶକ ନାଟକରୁ ମନୋରଞ୍ଜନର ଉପାଦାନ ପାଇଲେ ନାହିଁ ଓ ମଂଚ ଏବଂ ନାଟକଠାରୁ ନିଜକୁ ଦୂରେଇ ନେଲେ । ଏହି ଦୂରତାକୁ କମ୍ କରିବା ପାଇଁ ଏବଂ ବୌଦ୍ଧିକ କଥାବସ୍ତୁକୁ ସହଜ-ସରଳକରି ବୁଝାଇ ଦେବା ପାଇଁ ଲୋକ ଉପାଦାନକୁ ଏକ ଶୈଳୀ ଭାବେ ସତୁରୀ ଦଶକ ପରବର୍ତ୍ତୀ ନାଟକରେ ପ୍ରୟୋଗ କରାଗଲା। ପୂର୍ବରୁ ଲୋକନାଟକ ଲୋକମାନଙ୍କୁ ମନୋରଞ୍ଜନ ଯୋଗାଉଥିଲା । ଏଥିରେ ଲୋକ ଉପାଦାନ ବହୁଳ ମାତ୍ରାରେ ମହଜୁଦ୍ ଥିଲା । ଲୋକଙ୍କ ରୁଚିକୁ ଦେଖି ପ୍ରଥମେ ଲୋକନାଟକରୁ ଉପାଦାନ ଆଣି ଆଧୁନିକ କାହାଣୀକୁ ପରିବେଷଣ କରାଗଲା । ଏହାର ସଫଳତା ପରେ ଲୋକଗୀତ, ଲୋକକାହାଣୀ, ଲୋକବାଣୀ, ଲୋକମଞ୍ଚ ଆଦି ଲୋକସାହିତ୍ୟ ଏବଂ ଲୋକସଂସ୍କୃତିର ବିଭିନ୍ନ ବିଭାଗରୁ ଉପାଦାନ ଆଣି ଆଧୁନିକ ନାଟକରେ ପ୍ରୟୋଗ ଓ ପରୀକ୍ଷା କରାଗଲା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେଉଁ କେତେ ଜଣ ନାଟ୍ୟକାର ଲୋକ ଉପାଦାନର ସଫଳ ପ୍ରୟୋଗ ନିଜ ନାଟକରେ କରିଥିଲେ ସେମାନଙ୍କ ମଧ୍ୟରେ ନାଟ୍ୟକାର ବିଜୟ ମିଶ୍ର ଥିଲେ ଅନ୍ୟତମ । ଉଭୟ ପାରମ୍ପରିକ ଏବଂ ପରୀକ୍ଷାଧର୍ମୀ ନାଟ୍ୟ ରଚନାରେ ସେ ଥିଲେ ଧୁରୀଣ। ଦର୍ଶକଙ୍କ ରୁଚିକୁ ପ୍ରାଧାନ୍ୟ ଦେଇ ତାଙ୍କ ନାଟକ ଗଢ଼ି ଉଠିଛି । କାବ୍ୟିକ ସଂଳାପ, ବ୍ୟଞ୍ଜନା, ନୂତନ ଦୃଷ୍ଟିଭଙ୍ଗୀ, ସାଧାରଣ ଚରିତ୍ରଙ୍କୁ ଅସାଧାରଣ ଭାବେ ଗଢ଼ିବା ଆଦି ଗୁଣ ତାଙ୍କୁ ପାଠକ ଓ ଦର୍ଶକଙ୍କର ଅତି ନିକଟତର କରାଇପାରିଛି । ଆଲୋଚ୍ୟ 'ଜଣେ ରାଜା ଥିଲେ' ନାଟକ ସାମ୍ପ୍ରତିକ ରାଜନୀତି ତଥା ରାଜନେତାମାନଙ୍କ ପାଇଁ ଏକ ଶାଣିତ ବ୍ୟଙ୍ଗ। ଯୁଗ ବଦଳିଲେ ମଧ୍ୟ ମୁକୁଟ ସର୍ବସ୍ୱ ରାଜାମାନେ ବଦଳନ୍ତି ନାହିଁ, ବଦଳନ୍ତି କେବଳ ସ୍ଥାନ-କାଳ-ପାତ୍ର ଭେଦରେ ଓଟମୁହାଁ ପ୍ରଜାମାନେ । ଏଭଳି ଏକ ସାମ୍ପ୍ରତିକ ସମସ୍ୟାକୁ ଲୋକ ଉପାଦାନ ପ୍ରୟୋଗ କରି ନାଟ୍ୟକାର ପରିବେଷଣ କରିଛନ୍ତି । ଲୋକ କାହାଣୀ, ଲୋକ ଗୀତ, ଲୋକ ନାଟକ ଆଦି ଲୋକ ଉପାଦାନ କେଉଁଭଳି ଉକ୍ତ ନାଟକରେ ପ୍ରୟୋଗ ହୋଇଛି ତାହା ଉକ୍ତ ପ୍ରବନ୍ଧରେ ଆଲୋଚିତ ।

**ଲୋକକାହାଣୀ ଶୈଳୀ:**

ମୌଖିକ ରୀତିରେ ପରମ୍ପରା କ୍ରମେ ଯେଉଁ କାହାଣୀ ଲୋକଙ୍କ ମୁଖରୁ ମୁଖକୁ ପ୍ରଚଳିତ ହୋଇଆସିଛି ତାହାହିଁ ଲୋକକାହାଣୀ । ଏହା ଜୀବନର ଅନେକ ପ୍ରାଣପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ। ରାଜକୁମାର, ରାଜକୁମାରୀ, ପଶୁପକ୍ଷୀ, ଦେବତା-ଅସୁର, ଭୂତପ୍ରେତ, ଡାହାଣୀ, ଚିରିଗୁଣୀ, ଗନ୍ଧର୍ବ-ପରୀ ଆଦିଙ୍କୁ କେନ୍ଦ୍ରକରି ଏହା ସମ୍ଭବ ଓ ଅସମ୍ଭବ କଥାର ସଂଯୋଜନ ମାଧ୍ୟମରେ କେତେବେଳେ ଆମ ସଂସାରର କଥା କହେ ତ କେତେବେଳେ କଳ୍ପଲୋକରେ କୌତୁକ-କୋଳାହଳମୟ ବା ରୋମାଞ୍ଚ-ବିସ୍ମୟକର ସ୍ୱତନ୍ତ୍ର ସଂସାର ସୃଷ୍ଟି କରିପାରେ । ବାସ୍ତବ ଜୀବନରେ ଯାହା ସମ୍ଭବ ନହୁଏ, କାହାଣୀର କଳ୍ପଲୋକରେ ତା'ର ପରିପୂର୍ତ୍ତି ଘଟେ । ତେଣୁ ବାଳକଠାରୁ ବୃଦ୍ଧ, ଶିକ୍ଷିତଠାରୁ ଅଶିକ୍ଷିତ, ପ୍ରଜାଠାରୁ ରାଜା ସମସ୍ତ ଲୋକ ଏହାର ଶ୍ରୋତା । ଏହାର ଲୋକପ୍ରିୟତାକୁ ନାଟ୍ୟକାର ମିଶ୍ର ଉପଲବ୍ଧିକରି 'ଜଣେ ରାଜା ଥିଲେ' ନାଟକର କାହାଣୀ ସଂରଚନାରେ ଲୋକକାହାଣୀ ଶୈଳୀର ପ୍ରୟୋଗ କରିଛନ୍ତି ।

୧୯୮୧ ମସିହା ନେଭମ୍ବର ୬ ତାରିଖରେ ସଚ୍ଚି ଦାସଙ୍କ ନିର୍ଦ୍ଦେଶନାରେ ଏହା ରବୀନ୍ଦ୍ର ମଣ୍ଡପଠାରେ ସର୍ବ ପ୍ରଥମେ ଅଭିନୀତ ହୋଇଥିଲା । ଏହା ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା ୧୯୮୩ ମସିହାରେ । ଏହାର କଥାବସ୍ତୁ 'ବତ୍ରିଶ ସିଂହାସନ' କଥା ଆଧାରିତ । ଲୋକକାହାଣୀର ରାଜା, ରାଣୀ, ମନ୍ତ୍ରୀ ଚରିତ୍ର ଭଳି ଏହି ନାଟକ ମଧ୍ୟ ରାଜା (ସୁରେନ୍ଦ୍ର ପ୍ରତାପ), ରାଣୀ (ପୁତ୍ତଳିକା), ମନ୍ତ୍ରୀ, ସେନାପତି, କଟୁଆଳ, ସାଧବ ଭଳି ଚରିତ୍ରମାନଙ୍କୁ ନେଇ ଗତିଶୀଳ।

'ବତ୍ରିଶ ସିଂହାସନ କଥା'ରେ ଶିବ ଇନ୍ଦ୍ରଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ଏକ ସିଂହାସନ ପ୍ରଦାନ କରିଥିଲେ । ମାତ୍ର ଇନ୍ଦ୍ର ଚିନ୍ତାକଲେ ଏହି ସିଂହାସନଟି ତାଙ୍କ ପାଇଁ ନୁହେଁ ବରଂ ତାଙ୍କଠାରୁ ଆହୁରି ଯୋଗ୍ୟ ବ୍ୟକ୍ତି ଏହାର ଅଧିକାରୀ ହେବା ଉଚିତ୍। ତେଣୁ ସେ ବହୁ ଯତ୍ନରେ ସେହି ସିଂହାସନଟିକୁ ସାଇତି ରଖିଲେ । ପାର୍ବତୀଙ୍କଠାରୁ ଅଭିଶାପ ପାଇ ୩୨ ଜଣ ଅପ୍ସରୀ ସେହି ସିଂହାସନରେ ବତିଶଟି ପୁତ୍ତଳିକା ଭାବେ ରହିଥିଲେ । ସାପ ମୋଚନର ଉପାୟ ସ୍ୱରୂପ ପାର୍ବତୀ କହିଥିଲେ- "ଏହି ସିଂହାସନଟି ଦିନେ ମର୍ତ୍ତ୍ୟର ରାଜା ବିକ୍ରମାଦିତ୍ୟଙ୍କ ଦରବାରରେ ପହଞ୍ଚିବ, ତାଙ୍କ ପରେ କିଛି କାଳ ଅନ୍ତେ ସେହି ସିଂହାସନ ଭୋଜରାଜଙ୍କଦ୍ୱାରା ଆବିଷ୍କୃତ ହେବ। ଯେତେବେଳେ ଭୋଜରାଜ ସେହି ସିଂହାସନ ଆରୋହଣ କରିବାକୁ ଇଚ୍ଛା କରିବେ ତୁମେମାନେ ଜଣ ଜଣ କରି ରାଜା ବିକ୍ରମାଦିତ୍ୟଙ୍କର ତ୍ୟାଗ, ନିଷ୍ଠା ଓ ବୀରତ୍ୱର କାହାଣୀ ଶୁଣାଇବା ପରେ ତମେ ସମସ୍ତେ ସାପ ମୁକ୍ତ ହେବ।" ଇନ୍ଦ୍ର ରାଜା ବିକ୍ରମାଦିତ୍ୟଙ୍କୁ ସିଂହାସନଟି ପ୍ରଦାନ କଲେ । ତାଙ୍କ ଅନ୍ତେ ସିଂହାସନରେ ଯେତେବେଳେ ତାଙ୍କ ପୁତ୍ର ବସିବା ପାଇଁ ଗଲେ ସେତେବେଳେ ଶୂନ୍ୟବାଣୀ ହେଲା- "ଏ ସିଂହାସନଟି କେବଳ ରାଜା ବିକ୍ରମାଦିତ୍ୟଙ୍କର, ସେ ହିଁ କେବଳ ଏହା ଆରୋହଣ କରିପାରିବେ" । ଏହା ଶୁଣି ବିକ୍ରମାଦିତ୍ୟଙ୍କ ପୁତ୍ର ଏହାକୁ ଏକ ଉତ୍ତମ ଭୂମିରେ ପୋତିଦେବା ପାଇଁ ନିଜର ଅନୁଚରମାନଙ୍କୁ ଉପଦେଶ ଦେଲେ । ଅନେକ ବର୍ଷ ବିତିଗଲା ପରେ ସେହି ଜମିଟି ରାଜା ଭୋଜଙ୍କ ଶାସନ ସମୟରେ ଜଣେ ବ୍ରାହ୍ମଣର ଅଧିକାରକୁ ଆସିଥିଲା । ଯେଉଁ ସ୍ଥାନରେ ସିଂହାସନଟି ପୋତା ଯାଇଥିଲା ସେହି ସ୍ଥାନରେ ବ୍ରାହ୍ମଣ ଗୋଟିଏ ଭାଡ଼ି କରିଥିଲା, ପକ୍ଷୀମାନଙ୍କୁ ଘଉଡ଼ାଇବା ଉଦ୍ଦେଶ୍ୟରେ । ଦିନେ ରାଜା ଭୋଜ ନିଜ ସୈନ୍ୟ ସାମନ୍ତଙ୍କୁ ଧରି ସେହି ପଥରେ ଗଲାବେଳେ ଭାଡ଼ି ଉପରେ ବସିଥିବା ବ୍ରାହ୍ମଣଟି ତାଙ୍କୁ ନିଜ ଜମିରୁ ଆଖୁ ଖାଇ ନିଜ ଓ ନିଜ ସୈନ୍ୟସାମନ୍ତଙ୍କର ତୃଷା ନିବାରଣ ନିମନ୍ତେ ଅନୁରୋଧ କଲା। ରାଜା ଓ ତାଙ୍କ ପାତ୍ରମନ୍ତ୍ରୀ ଯେତେବେଳେ ଆଖୁ ଖାଉଥିଲେ ସେହି ସମୟରେ କିଛି ପକ୍ଷୀଙ୍କୁ ଘଉଡ଼ାଇବା ନିମନ୍ତେ ବ୍ରାହ୍ମଣଟି ମଞ୍ଚା ତଳକୁ ଓହ୍ଲାଇ ଆସିଲା ଓ ରାଜାଙ୍କୁ ଆଖୁ ଖାଇବାର ଦେଖି ଜଣେ ଗରିବ ବ୍ରାହ୍ମଣର ଉପାର୍ଜନକୁ ନଷ୍ଟ କରୁଥିବାରୁ ବହୁ ତିରସ୍କାର କଲା । ଭୋଜରାଜ ନିଜ ପାତ୍ରମନ୍ତ୍ରୀଙ୍କ ସହ ସେ ସ୍ଥାନ ଛାଡ଼ି ଚାଲିଯିବା ସମୟରେ ପୁଣି ବ୍ରାହ୍ମଣଟି ମଞ୍ଚ ଉପରେ ବସି ପୂର୍ବଭଳି ଆଖୁ ଖାଇବା ପାଇଁ ରାଜାଙ୍କୁ ନିମନ୍ତ୍ରଣ କଲା ଏବଂ କିଛି ସମୟ ପରେ ମଞ୍ଚାରୁ ତଳକୁ ଓହ୍ଲାଇ ପୂର୍ବବତ ତିରସ୍କାର କଲା। ବ୍ରାହ୍ମଣର ଏପରି ବ୍ୟବହାର ଦେଖି ଭୋଜରାଜ ବ୍ରାହ୍ମଣ ବସିଥିବା ମଞ୍ଚା ତଳ ଅଂଶକୁ ଖୋଳିବାକୁ ଆଦେଶ ଦେଲେ । ସେଠାରୁ ଦିବ୍ୟ ସିଂହାସନଟିକୁ ନିଜ ପ୍ରାସାଦକୁ ନେଇ ଆସିଲେ । ରାଜା ଯେବେ ସେହି ସିଂହାସନ ଆରୋହଣ କରିବାକୁ ଗଲେ ପୂର୍ବ ସୂଚନା ଅନୁଯାୟୀ ଜଣେ ଜଣେ ପୁତ୍ତଳିକା ରାଜା ବିକ୍ରମାଦିତ୍ୟଙ୍କ ବୀରତ୍ୱର କାହାଣୀମାନ କହି ଅଦୃଶ୍ୟ ହୋଇଗଲେ ।

ଏହି କାହାଣୀରୁ ସିଂହାସନ, ସିଂହାସନ ନିମନ୍ତେ ଉପଯୁକ୍ତ ବ୍ୟକ୍ତି/ପାର୍ଥୀ, ପୁତ୍ତଳିକା, ସିଂହାସନ ଆରୋହଣକାରୀର ସ୍ୱଭାବ ଆଦି ଉପାଦାନ ନେଇ ନାଟ୍ୟକାର 'ଜଣେ ରାଜା ଥିଲେ' ନାଟକଟି ପରିବେଷଣ କରିଛନ୍ତି ।

ନାଟକରେ ଜଣେ ସ୍ୱେଚ୍ଛାଚାରୀ ଶାସକ ଓ ତା'ର ଶାସନ ବ୍ୟବସ୍ଥା ଏବଂ ତା' ମଧ୍ୟରେ ନିପୀଡ଼ିତ ପ୍ରଜାକୁଳର କାହାଣୀ ଦେଖିବାକୁ ମିଳେ । ଏ ନାଟକରେ ରାଜା ସୁରେନ୍ଦ୍ର ପ୍ରତାପ ନିଜ ପାତ୍ରମନ୍ତ୍ରୀ ଓ ପ୍ରଜାକୁଳକୁ ଓଟ ମୁହାଁ ଏବଂ ରାଣୀଙ୍କୁ ଗୋଟିଏ ପୁତ୍ତଳିକା ଭାବେ ବଞ୍ଚିବା ପାଇଁ ବାଧ୍ୟ କରିଛି । ଏହାସହ ନିଜ ରାଜ୍ୟର ବିଜ୍ଞ ବ୍ୟକ୍ତିମାନଙ୍କର ମସ୍ତକର ମୂଲ୍ୟ ୩୦ ହଜାର ଘୋଷଣା କରିଛି । ସ୍ୱେଚ୍ଛାଚାରୀ ଶାସନ ବ୍ୟବସ୍ଥାରେ ଯୁଗ ଯୁଗ ଧରି ବିଜ୍ଞ ବ୍ୟକ୍ତିମାନେ ଶାସନର ରଥଚକ ତଳେ ନିଷ୍ପେଷିତ ହୋଇଛନ୍ତି । ଯାହା ଏହି ନାଟକର ତିନିଜଣ ବିଜ୍ଞ ବ୍ୟକ୍ତି ଧୁରନ୍ଧର, ବିଶାଳବାହୁ ଓ ବିଦ୍ୟାଧର ସହ ଘଟିଛି । ଏମାନେ ରାଜାଙ୍କ ଆଦେଶରେ ଓଟମୁହାଁ ହୋଇ ନାହାନ୍ତି । ଅର୍ଥାତ ଓଟଙ୍କ ଭଳି ପରିସ୍ଥିତି ସହ ସାଲିସ୍ କରି କଣ୍ଟା ସିଜୁ ଚୋବାଇବାକୁ ପସନ୍ଦ କରି ନାହାଁନ୍ତି । ବରଂ ଏମାନେ ସମସ୍ତେ ସ୍ୱାଧୀନ ଚିନ୍ତାଧାରାର ବ୍ୟକ୍ତି, ରାଜାଙ୍କ ଶାସନ ବିରୋଧରେ ଏମାନେ ସ୍ୱର ଉଠାଇଛନ୍ତି । ଜଣେ ଉପଯୁକ୍ତ ବ୍ୟକ୍ତିକୁ ଖୋଜୁଛନ୍ତି, ଯିଏ କି ରାଜାଙ୍କ ସ୍ୱେଚ୍ଛାଚାରୀ ଶାସନ ବ୍ୟବସ୍ଥାର ବିଲୋପ କରି ପ୍ରଜାକୁଳକୁ ମୁକ୍ତି ଦେବ । ସେମାନେ ନିରଞ୍ଜନକୁ ପାଇଛନ୍ତି ଯିଏ ଓଟ ମୁହାଁମାନଙ୍କ ମଧ୍ୟରୁ ଜଣେ । ସେମାନେ ତାକୁ ମଣିଷର ଜ୍ଞାନ, ବୁଦ୍ଧି, ଭାଷା ଓ ଚକ୍ଷୁ ପ୍ରଦାନ କରି ଜଣେ ବିଜ୍ଞ ବ୍ୟକ୍ତି ବା ସ୍ୱାଧୀନ ଚିନ୍ତାର ବ୍ୟକ୍ତିରେ ପରିଣତ କରିଛନ୍ତି । ନିରଞ୍ଜନ ସହ ସେ ଦେବୀକୁ ପଠାଇଛନ୍ତି, ଓଟ ମୁହାଁମାନଙ୍କୁ ମଣିଷମୁହାଁ କରିବା ନିମନ୍ତେ । ଦେବୀ ଏଠାରେ ବିବେକର ପ୍ରତୀକ । ଏପରି ମଧ୍ୟ କୁହାଯାଇ ପାରେ ଯେ, ସେ ହେଉଛି ପରୀକାହାଣୀର କୌଣସି ଏକ 'ଅଲୌକିକ ବସ୍ତୁ' ଯାହାର ସ୍ପର୍ଶ ମାତ୍ରକେ ସବୁକିଛି ପରିବର୍ତ୍ତୀତ ହୋଇଯାଏ । ଓଟମୁହାଁମାନେ ହୋଇଯାନ୍ତି ମଣିଷମୁହାଁ ।

ଦେବୀ ସହ ନିରଂଜନ ରାଜପ୍ରସାଦରେ ପହଞ୍ଚି ସେଠାରେ ସେ ରାଣୀ ପୁତ୍ତଳିକା, ମନ୍ତ୍ରୀ, ସେନାପତି, କଟୁଆଳ ଓ ସାଧବ ସଭିଙ୍କୁ ନିଜ ବିବେକ ସହ ପରିଚିତ କରାଇ ଦେଇଛି । ଦେବୀର ସ୍ପର୍ଶ ମାତ୍ରକେ ସେମାନେ ନିଜ ବିବେକ ସହ ପରିଚିତ ହୋଇଛନ୍ତି ଓ ନିଜକୁ ଚିହ୍ନି ପାରିଛନ୍ତି । ଦୀର୍ଘ ଦିନ ଧରି ଯେଉଁ ରାଜାର ଆଦେଶରେ ସେମାନେ ଓଟ ଭଳି ସବୁ ଆଦେଶ ମାନି ଆସିଥିଲେ ତା'ର ବିରୋଧ କରିବାକୁ ଆଗେଇ ଆସିଛନ୍ତି । ସେମାନେ ଆଉ ରାଜାଙ୍କ କଥା ମାନି ନାହାନ୍ତି । ରାଣୀ ଆଉ ପୁତ୍ତଳିକା ହୋଇ ରହି ନାହିଁ । ରାଜା ହାତର କଣ୍ଢେଇଟିଏ ହୋଇ ସେ ଉଠ କହିଲେ ଉଠିବା ବସ କହିଲେ ବସିବା ଓ ପୁତ୍ତଳିକା ଏହି ଗୋଟିଏ ଶବ୍ଦ ଉଚ୍ଚାରଣ ଛଡ଼ା ଅନ୍ୟ କୌଣସି ଶବ୍ଦ ଉଚ୍ଚାରଣ କରୁନଥିଲେ, ଦେବୀର ସ୍ପର୍ଶ ମାତ୍ରକେ ସେ ଆପଣର ସ୍ୱାଧୀନତା କ'ଣ ଜାଣିପାରି ରାଜାର ଶାସନ ବିରୋଧରେ ସ୍ୱର ଉଠାଇଛନ୍ତ ଓ ରାଜାଙ୍କୁ ଅନ୍ୟାୟ କରୁଛନ୍ତି ବୋଲି କହିଛନ୍ତି ।

ଅତ୍ୟାଚାରିତ ହୋଇଥିବା ସମସ୍ତ ଜନତା, ପାତ୍ରମନ୍ତ୍ରୀ ଓ

ରାଣୀ ସମସ୍ତେ ମିଶି ରାଜା ସୁରେନ୍ଦ୍ର ପ୍ରତାପଙ୍କୁ ରାଜ ଗାଦିରୁ ଗାଦିଚ୍ୟୁତ କରାଇ ନିରଂଜନଙ୍କୁ ସିଂହାସନ ଆରୋହଣ କରାଇଛନ୍ତି । କିନ୍ତୁ ନିରଂଜନ ରାଜଗାଦିରେ ବସିବା ପରେ ବତ୍ରିଶ ସିଂହାସନ ଗଳ୍ପର କୃଷକ ଭଳି ତା'ର ସ୍ୱଭାବରେ ପରିବର୍ତ୍ତନ ଅସିଛି । ଅବଶ୍ୟ ଗଳ୍ପରେ କୃଷକଟି ମଂଚା ଉପରେ ବସିବା ପରେ ଉତ୍ତମ ସ୍ୱଭାବର ବ୍ୟକ୍ତିରେ ପରିଣତ ହୋଇଥିବା ବେଳେ ନିରଂଜନ ସିଂହାସନ ଆରୋହଣ କରି ଅତ୍ୟାଚାରୀ ରାଜାରେ ପରିଣତ ହୋଇଛି । ଯେଉଁ ଶାସନକୁ ବା ରାଜାର ଅତ୍ୟାଚାରକୁ ସେ ବିରୋଧ କରୁଥିଲା, ସିଂହାସନ ଆରୋହଣ ପରେ ସେ ମଧ୍ୟ ତଦନୁରୂପ କାର୍ଯ୍ୟ କରିଛି । ସିଂହାସନ ଆରୋହଣ ପରେ ସେ ଆଦେଶ ଦେଇଛି- "ମଣିଷ ମୁହାଁମାନଙ୍କୁ ନେଇ ରାଜ୍ୟଶାସନ ହେଇ ପାରେନା । ଦୈବାତ୍ ତମେମାନେ ମଣିଷମୁହାଁ ହୋଇଯାଇଚ । ତେଣୁ ରାଜା ହିସାବରେ ମୋର ତୁମମାନଙ୍କୁ ଆଦେଶ, ଆଜିଠାରୁ ଶାସନର ସୁବିଧା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଓଟ ମୁଖା ପିନ୍ଧିବେ । xxx ଏବଂ ରାଣୀ ସେଇ କଣ୍ଢେଇ ହେଇ ରହିବେ । ତାଙ୍କ ନାଁ ହେବ ପୁତ୍ତଳିକା । xxx ଗୁମ୍ଫାରେ ରହିଥିବା ସେହି ତିନିଜଣ ବ୍ୟକ୍ତିଙ୍କ ମସ୍ତକର ମୂଲ୍ୟ ପ୍ରତ୍ୟେକ ତିରିଶ ହଜାର ସ୍ୱର୍ଣ୍ଣମୁଦ୍ରା, ଜୀବିତ କିମ୍ବା ମୃତ । ନୂଆ ଗୀତ ନୁହେଁ, ସେଇ ପୁରୁଣା ଜାତୀୟ ସଂଗୀତ ଦରବାରରେ ବୋଲାଯିବ । କିନ୍ତୁ ଭଣିତାରେ କହେ ରାଜା ସୁର ନହୋଇ, କହେ ରାଜା ନିର ହେବ । xxx "[୧]

ଏହାପରେ ରାଜାର ଆଦେଶ ଅନୁଯାଇ ସମସ୍ତେ ଓଟ ମୁଖା ପିନ୍ଧି ପୂର୍ବ ଭଳି ଆଣ୍ଠେଇ ପଡ଼ିଲେ ଓ ରାଣୀ ପୁତ୍ତଳିକାର ଆବରଣ ଭିତରକୁ ଫେରିଗଲେ, ଏହାପରେ ଜାତୀୟ ସଂଗୀତଟି ବୋଲାଗଲା । ଏହି ସମୟରେ ଦେବୀ ଯେ କି ବିବେକର ପ୍ରତୀକ ସେ କାନ୍ଦିବାରେ ଲାଗିଲା । ତା'ର ଆଖିର ଲୁହ ଯେପରି କେବେ ବନ୍ଦ ହେବ ନାହିଁ । ଅବଶ୍ୟ ନାଟକର ଶେଷରେ ନାଟ୍ୟକାର ପରିବର୍ତ୍ତନ ପାଇଁ ଆଶାବାଦୀ ହୋଇଉଠି ଦର୍ଶକଙ୍କ ପାଇଁ ଅନେକ ପ୍ରଶ୍ନ ଛାଡ଼ିଯାଇଛନ୍ତି । ବିବେକର ବାଣୀ ହୋଇ ସେ ଶୁଣାଇଛନ୍ତି- "ଦିନେ ନା ଦିନେ ଦେବୀର କାନ୍ଦ ହସରେ ପରିଣତ ହେବ । ଦିନେ ନା ଦିନେ ଗୁମ୍ଫାର ଅନ୍ଧାର ଭିତରେ ସଢ଼ୁ ଥିବା ବିଜ୍ଞମାନେ ମୁକ୍ତ ହେବେ । ଦିନେ ନା ଦିନେ ଓଟମୁହଁ ସବୁ ମଣିଷର ମୁହଁକୁ ରୂପାନ୍ତରିତ ହେବ କିମ୍ବା ସେମାନେ ଓଟ ମୁଖା ଫିଙ୍ଗି ଦେଇ ମଣିଷ ହେଇଯିବେ । କିନ୍ତୁ ସେ ଦିନ କେବେ ଆସିବ, କେବେ? କେବେ? କେବେ?"[୨]

ସମୟ ଅନୁସାରେ ସିଂହାସନ ଆରୋହଣ କରୁଥିବା ରାଜାମାନଙ୍କର ନାମରେ ଖାଲି ପରିବର୍ତ୍ତନ ଆସେ, କିନ୍ତୁ ସେମାନଙ୍କ ସ୍ୱଭାବରେ କୌଣସି ପରିବର୍ତ୍ତନ ଆସେ ନାହିଁ । ପ୍ରଜାମାନେ ନୂଆ ରାଜା ଆସିବା ଖୁସିରେ ମସଗୁଲ୍ ରୁହନ୍ତି, ଭାବନ୍ତି ଏ ନୂଆ ରାଜା ସେମାନଙ୍କର ସବୁ ସମସ୍ୟାର ସମାଧାନ କରିଦେବ କିନ୍ତୁ ଯୁଗ ପରେ ଯୁଗ ବଦଳେ ରାଜା ବଦଳନ୍ତି, ହେଲେ ଲୋକମାନଙ୍କର ଆଶା ଆଶାରେ ହିଁ ରହିଯାଏ । କିଛି ପରିବର୍ତ୍ତନ ଘଟେ ନାହିଁ। ନାଟ୍ୟକାରଙ୍କ ଭାଷାରେ- "xxx ସବୁ ଯୁଗରେ, ସବୁ କାଳରେ, ସବୁଠାରେ ରାଜାମାନେ ଏକାପରି । xxx ଓଟମୁହାଁ, ଘୋଡ଼ାମୁହାଁ, ଗଧମୁହାଁ, ମାଙ୍କଡ଼ ମୁହାଁ ପ୍ରଜାମାନେ ଅଛନ୍ତି, ସ୍ଥାନ କାଳ ପାତ୍ର ପରିବେଶରେ ସେମାନଙ୍କ ମୁହଁ ଅଲଗା ଅଲଗା ହୋଇପାରେ, କିନ୍ତୁ ମୁକୁଟ ସର୍ବସ୍ୱ ରାଜାମାନେ ଅଲଗା ହୁଅନ୍ତି ନାହିଁ, ବଦଳନ୍ତି ନାହିଁ । xxx"[୩]

ଏଥିରେ ମଧ୍ୟ ଲୋକକାହାଣୀ କହିବା ଭଳି ନାଟ୍ୟକାର ନିରଂଜନ ମୁଖରେ କାହାଣୀ ଶୁଣାଇଛନ୍ତି ଏବଂ ଲୋକକାହାଣୀରେ ଥିବା ଦୃଶ୍ୟ ଭଳି ଏକ ଦୃଶ୍ୟର ମଧ୍ୟ ବର୍ଣ୍ଣନା ଦେଇଛନ୍ତି, ଏହିଭଳି- ନିରଂଜନ ଓଟ ମୁହାଁରୁ ମଣିଷ ମୁହାଁ ହେବାର ଏକ ଔଷଧ ଆଣିଛି ଏବଂ ସେହି ଔଷଧଟି ସେ କେଉଁଠାରୁ ପାଇଲାବୋଲି ସେନାପତି ଓ ମନ୍ତ୍ରୀ ପ୍ରଶ୍ନ କରିବାରୁ ସେ ସେମାନଙ୍କୁ ଏକ ଗପ ଶୁଣାଇଛି, ଠିକ୍ ଆଇମା କାହଣୀ ଭଳି- "ନିରଂଜନ- ସେ ଗୋଟିଏ ଅଗନା ଅଗନି ବନସ୍ତ । ସେଇଠି ଅଛି ଗୋଟିଏ ନଣ୍ଡା ପର୍ବତ । ଏକ ପାଦିଆ ରାସ୍ତାରେ ପାହାଡ଼ ଉଠିଲେ ଦେଖିବେ, ନଗା ନଗି ହେଇ ତିନୋଟି ତାଳଗଛ । ତାଳଗଛ ପାଖରେ ଗୁମ୍ଫା । ଗୁମ୍ଫା ଭିତରେ ବସିଥିଲା। ସମସ୍ତେ- କିଏ? ନିରଂଜନ- (ଦେବୀକୁ ଦେଖେଇ) ଔଷଧ । ଏକା ପାନକେ ଓଟ ମୁହଁରୁ ମଣିଷ ମୁହଁ ।"[୪]

ସେହିଭଳି ଅନ୍ୟ ଏକ ସ୍ଥାନରେ ଲୋକ କାହାଣୀର ଦୃଶ୍ୟ ବର୍ଣ୍ଣନା ଭଳି ବର୍ଣ୍ଣନା କରିଛନ୍ତି ନାଟ୍ୟକାର, ଏହିପରି- "ଦେବୀର ହାତ ଧରି ନିରଂଜନ ଚାଲିବାକୁ ଲାଗିଲା । ଚାଲିଛି ଯେ ଚାଲିଛି । କେତେ ଖୋଲା ଘର, ମେଲା ଘର, ଗମ୍ଭିରି ଘର, କେତେ ବାରଣ୍ଡା, ଅଳିନ୍ଦ, ଭିତର ମେଲା, ବାହାର ମେଲା, କେତେ ଗନ୍ତାଘର, ସାଜଘର, ଶୋଇବା ଘର, ବସିବା ଘର ପାର ହୋଇ ଚାଲିଚି । ତା'ର କଳନା ନାହିଁ । କୋଉଠି ପାଇକ ତରବାରୀ ପଜଉଚି ତ କୋଉଠି ରାନ୍ଧୁଣିଆ ରାନ୍ଧୁଚି, ଗାଉଣିଆ ଗାଉଚି, ନାଚାଣିଆ ନାଚୁଚି । କେହି ଆସିଲେ ନିରଂଜନ ଲୁଚି ଯାଉଚି, ଚାଲିଗଲେ ବାହାରି ପଡୁଚି ଫେର୍ ଆଗଉଚି ଏମିତି ଯାଉଁ ଯାଉଁ ହଠାତ୍ ସେ ଗୋଟିଏ ମହଲ ଭିତରେ ପଶିଗଲା । xxx "[୫]

ସାମ୍ପ୍ରତିକ ରାଜନୀତି ଓ ଶାସନ ବ୍ୟବସ୍ଥାର ବାସ୍ତବ ଓ ଘୃଣ୍ୟ ଚିତ୍ରକୁ ଲୋକକାହାଣୀର ଶୈଳୀ ମାଧ୍ୟମରେ ବ୍ୟଙ୍ଗାତ୍ମକ ଭାବେ ନାଟ୍ୟକାର ଉକ୍ତ ନାଟକରେ ପ୍ରକାଶ କରିଛନ୍ତି । ଯାହା ଦର୍ଶକଙ୍କ ବୋଧଗମ୍ୟ ହେବା ସହ ନାଟକ ଦେଖିବା ପାଇଁ ତାଙ୍କ ମନରେ ପୁନଶ୍ଚ ଆଗ୍ରହ ଜନ୍ମାଇବାରେ ସମର୍ଥ ହୋଇଛି।

କଥାଣି ଶୈଳୀ :

BINDU BIMARSHA...

ଲୋକ କାହାଣୀ କହିବା ପୂର୍ବରୁ କଥକ ପ୍ରଥମେ ଶ୍ରୋତାଙ୍କ ମନ ଜିଣିବା ଉଦ୍ଦେଶ୍ୟରେ କଥାଣି/ କଥାନିର ପ୍ରୟୋଗ କରିଥାନ୍ତି । ଏହି କଥାଣି ଶ୍ରୋତା ମନରେ କାହାଣୀ ଶୁଣିବା ପାଇଁ ଆଗ୍ରହ ଜନ୍ମାଏ । ଏହା ପରେ ଗଳ୍ପର ମୁଖ୍ୟ ଅଂଶ କଥକ ଶୁଣାଏ । କାହାଣୀର ଶେଷରେ ମଧ୍ୟ କଥକ ଆଉ ଏକ କଥାଣି ସଂଯୋଗ କରି କାହାଣୀର ସମାପ୍ତି ଘଟାଏ । ଏହିପରି -"କଥାଟିଏ କହୁଁ କଥାଟିଏ କହୁଁ ।/କିସ କଥା? ବେଙ୍ଗୁଲୀ କଥା/କି ବେଙ୍ଗ? ଠୁରା ବେଙ୍ଗ ।/xxx କି କଣ୍ଟା? କାନକୋଲି କଣ୍ଟା ।/ଯହିଁରେ ଲାଗିବ ଲଟାପଟା ।"[୬]

ନାଟ୍ୟକାର ମିଶ୍ର 'ଜଣେ ରାଜା ଥିଲେ' ନାଟକର ସଂଳାପରେ ଏହି ଶୈଳୀର ପ୍ରୟୋଗ କରିଛନ୍ତି । ମନ୍ତ୍ରୀ, ସେନାପତି, ସାଧବ ଓ କଟୁଆଳଙ୍କ ଉପରେ ଏତେ ଦିନ ଧରି ରାଜା ଯେଉଁ ସ୍ୱେଚ୍ଛାଚାରିତା ବିସ୍ତାର କରି ସେମାନଙ୍କୁ ମଣିଷମୁହାଁରୁ ଓଟମୁହାଁ କରିଦେଇଥିଲା, ଦେବୀର ସ୍ପର୍ଶ ମାତ୍ରେ ସେମାନେ ନିଜ ବିବେକର ଭାଷା ଶୁଣି ପାରିଛନ୍ତି ଏବଂ ସେମାନଙ୍କର ଆଖିରେ ପଡ଼ିଥିବା ପରଦା ଖୋଲିଯାଇଛି । ରାଜା ଦରବାରକୁ ଆସିବାର ଘୋଷଣା ଶୁଣିବା ପରେ ଦେବୀ ଓ ନିରଂଜନ ଲୁଚି ଯାଇଛନ୍ତି । ଦରବାର ଭଙ୍ଗ ପରେ ଏମାନେ ଅଲଗା ଅଲଗା ହୋଇ ଦେବୀ ଓ ନିରଂଜନକୁ ଖୋଜିଛନ୍ତି । ସମସ୍ତେ ଗୋଟିଏ

ସ୍ଥାନରେ ଏକାଠି ହେବା ପରେ ପରସ୍ପରର ଆସିବାର ଉଦ୍ଦେଶ୍ୟ ବୁଝି ପାରିଛନ୍ତି । ଏହି ସମୟରେ ଯେଉଁ ସଂଳାପର ପ୍ରୟୋଗ ନାଟ୍ୟକାର କରିଛନ୍ତି ତାହା ଲୋକ କାହାଣୀ କଥାଣି ଶୈଳୀର-

"ସେନାପତି- କ'ଣ ବୁଝିବାକୁ ଆସିଥିଲ?

କଟୁଆଳ- ନିଜ ନିଜ ଭିତରେ ଯୁଦ୍ଧ କରି ଆଜି ଆଉ କେତେ ଜଣଙ୍କର ମରିବାର ଅଛି।

ମନ୍ତ୍ରୀ- (ସାଧବକୁ) ଆଉ ତମେ?

ସାଧବ- (ଛାନିଆଁରେ) କଟୁଆଳ, ମୁଁ କ'ଣ ପାଇଁ ଆସିଥିଲିଟି?

ସେନାପତି- ଘଷର ଘଷର ପନ୍ଦର ଘଷର, ତହିଁରୁ ବହୁଚି ପାଣି,

ମନ୍ତ୍ରୀ- ତମେ ଯେଉଁ ପାଇଁ ଲସର ପସର, ଆମେ ସେ କଥାଟି ଜାଣି।

ସାଧବ- କି- କି କଥା?

ସେନାପତି- ବେଙ୍ଗୁଲି କଥା।

ମନ୍ତ୍ରୀ- କି ବେଙ୍ଗୁଲି?

ସେନାପତି- କାଠ ବେଙ୍ଗୁଲି।

ମନ୍ତ୍ରୀ- କି କାଠ?

ସେନାପତି- ଚନ୍ଦନ କାଠ।

ମନ୍ତ୍ରୀ- କି ଚନ୍ଦନ?

ସେନାପତି- ସାଙ୍ଗରେ ଯାହାର ଦେବୀ ଅଛି ।

ମନ୍ତ୍ରୀ- ନାଁଟି ତା'ର ନିରଂଜନ ।"[୭]

**ଲୋକଗୀତ ଶୈଳୀ :**

ମଣିଷ ତା'ର ସୃଷ୍ଟିଲଗ୍ନରୁ ଲୋକଗୀତଗୁଡ଼ିକ ସହ ଜଡ଼ିତ । ସ୍ୱତଃସ୍ଫୂର୍ତ୍ତ ଭାବେ ମୁଖରୁ ମୁଖକୁ ଏହାର ଗତି । ଶ୍ରମ ଲାଘବ ହେଉ ବା ହେଉ କୌଣସି ମାଙ୍ଗଳିକ କାର୍ଯ୍ୟ ସ୍ୱତଃସ୍ଫୂର୍ତ୍ତ ଏହା ଝରି ଆସେ ଲୋକଙ୍କ ମୁଖରୁ । ଲୋକଙ୍କର ଏହାପ୍ରତି ଥିବା ରୁଚିକୁ ଦେଖି ଅଶି ପୂର୍ବ ଭଳି ଅଶି ପରର ଅନେକ ନାଟକରେ ନାଟ୍ୟକାରମାନେ ଏହାର ପ୍ରୟୋଗ କରିଛନ୍ତି ।

ଉକ୍ତ ନାଟକରେ ଲୋକଗୀତ ଶୈଳୀରେ ସଂଗୀତ ସଂଯୋଜିତ ହୋଇଛି । ନାଟ୍ୟକାର ଏହି ନାଟକର ସଂଗୀତ ସମ୍ପର୍କରେ କୁହନ୍ତି- "ସଂଗୀତ ଏ ନାଟକର ଏକ ବିଶେଷ ଅଙ୍ଗ । ଏ ନାଟକରେ ଦୁଇଟି ଜାତୀୟ ସଂଗୀତ ରହିଛି । ତା'ର ସ୍ୱର ଏପରି ହେବା ଉଚିତ ଯେପରି ତାହା ଖୁବ୍ ସହଜରେ ବୋଲା ଯାଇପାରିବ ।"[୮] ଲୋକଗୀତର ବୈଶିଷ୍ଟ୍ୟ ହେଉଛି ସହଜ-ସରଳ ପଦାବଳୀ ଓ ଗୀତିମୟତା, ଏହି ଅନୁଯାଇ ନାଟ୍ୟକାରଙ୍କ ଉକ୍ତି ଗ୍ରହଣଯୋଗ୍ୟ । ନାଟକରେ ଲୋକଗୀତ ଶୈଳୀରେ ସଂଯୋଜିତ ଜାତୀୟ ସଂଗୀତ ଦୁଇଟି ଏହିପରି- "ଓଟ ଭଳି ଜୀବ ନାହିଁରେ ଭାଇ / ଶାନ୍ତି ତୁ ପାଇବୁ ଯା' ଓଟ ହୋଇ/ପିଠିରେ କୁଜଟା କି ମନୋହର / ତୋ ନିରୀହ ଆଖି ଭାରି ସୁନ୍ଦର / କଣ୍ଟା ଝଣ୍ଟା ସିଝୁ ଯା' ଖାଇଯା'/ ତାତିଲା ବାଲିରେ ଯା' ଶୋଇଯା' / ଓଟ ଭଳି ଜୀବ ନାଇଁରେ ଭାଇ / କହେ ରାଜା ସୁର ଯା' ଓଟ ହୋଇ ।"[୯] ଏହି ଗୀତଟି ନାଟକରେ ଅନେକ ଥର ପ୍ରୟୋଗ କରାଯାଇଛି । ନାଟକର ପରିସମାପ୍ତି ବେଳକୁ ଗୀତର ଶେଷ ପଦରେ କେବଳ ରାଜା ସୁର ବଦଳରେ ରାଜା ନିର ସଂଯୋଜିତ କରି ଗୀତଟି ଗାନ କରାଯାଇଛି। ଏହିଭଳି ନାଟକରେ ଆଉ ଦୁଇଟି ସଂଗୀତ ସଂଯୋଜିତ ହୋଇଛି । ନାଟକର ଆରମ୍ଭରେ ନିରଂଜନ ମଞ୍ଚକୁ ଆସିଛି ଓ ଓଟପରି ନଇଁ ନଇଁ ନାଚି ନାଚି ଗୀତ ଗାଇଛି । ଗୀତଟି ଏହିପରି- "ଓଟପରି ହେଇ ଥା'ନ୍ତି କୁଜ ଧରି ପିଠିରେ / ଖାଉଥା'ନ୍ତି କଣ୍ଟାସିଝୁ ବୁଲି ମରୁଭୂମିରେ। / ରାଜା ମନ୍ତ୍ରୀ ସେନାପତି ମାରୁଥାନ୍ତେ କୋରଡ଼ା / ହସି ହସି ସହୁଥାନ୍ତି(ତାଙ୍କ) ନାଲି ଆଖି ଦୁରୁଡ଼ା।"[୧୦] ପୁନଶ୍ଚ ରାଜା ସୁରପ୍ରତାପ ବିରୋଧରେ ସମସ୍ତେ ଏକତ୍ରିତ ହୋଇ ଏକ ବିପ୍ଳବାତ୍ମକ ଗୀତ ଗାଇଛନ୍ତି, ଯାହାକି ଲୋକଗୀତ ଶୈଳୀରେ ରଚିତ। ଗୀତଟି-"ଓଟଠାରୁ ହିନ ଜୀବ ନାହିଁରେ ଭାଇ/ପାରିବୁନି କଣ୍ଟାସିଝୁ ଆଉ ଚୋବାଇ/ଆମେ ସବୁ ଆସିଅଛୁଁ ତାତିଲା ବାଲିରୁ,/ଟାଣି ଆଣ ସେ ରାଜାକୁ ତା' ସିଂହାସନରୁ।"[୧୧]

ଏହି ଗୀତଗୁଡ଼ିକ ସହଜ ଓ ସରଳ ପଦାବଳୀ ବିଶିଷ୍ଟ । ତେଣୁ ଲୋକଗୀତର ଶୈଳୀ ସଂଯୋଜନା ଦୃଷ୍ଟିରୁ ନାଟକଟି ସଫଳ।

**କଣ୍ଢେଇ ନାଟ୍ୟ ଶୈଳୀ :**

ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ କଣ୍ଢେଇ ନାଟ୍ୟ ଏକ ଅତି ଲୋକପ୍ରିୟ ଲୋକନାଟ୍ୟ । ଜଡ଼ ନୃତ୍ୟର ଏହା ଏକ ସ୍ୱତନ୍ତ୍ର ରୂପ । ସୂତା କଣ୍ଢେଇ, ସଖୀ କଣ୍ଢେଇ, କାଠି କଣ୍ଢେଇ ଓ ଛାୟା କଣ୍ଢେଇ ଭାବେ ଏହା ବିବିଧ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ନାଟ ଦେଖାଯାଏ । କଣ୍ଢେଇ ନାଚରେ ନିର୍ଜୀବ କଣ୍ଢେଇମାନଙ୍କୁ ସୂତ୍ରଧାର ସୂତା ସାହାଯ୍ୟରେ ନଚାନ୍ତି । ସଙ୍ଗୀତକାର ସଙ୍ଗୀତ ଗାନ କରନ୍ତି ଏବଂ ସ୍ଥଳ ବିଶେଷରେ ସଂଳାପ ଉଚ୍ଚାରଣ କରନ୍ତି । ଘୋଷଣା ମାଧ୍ୟମରେ ରାମାୟଣ, ଗୋପଲୀଳା ଆଦି ପୌରାଣିକ କାହାଣୀକୁ ଏଥିରେ ଉପସ୍ଥାପନ କରାଯାଏ । ବାଦ୍ୟ ଭାବରେ ଏଥିରେ ଖଞ୍ଜଣି, ଗିନି, ରାମତାଳି ଆଦି ବ୍ୟବହାର କରାଯାଏ । ଅଶି ପରର ଅନେକ ନାଟକରେ ନାଟ୍ୟକାରମାନେ ଏହି ଶୈଳୀକୁ ନିଜ ନାଟକରେ ଅନ୍ୟ ଲୋକ ଉପାଦାନ ସହ ପ୍ରୟୋଗ କରି ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କୁ ମନୋରଞ୍ଜନ ଯୋଗାଇବାରେ ସମର୍ଥ ହୋଇଛନ୍ତି ।

ଉକ୍ତ ନାଟକର ରାଣୀ ପୁତ୍ତଳିକା ଚରିତ୍ରକୁ ବିଚାରକୁ ନିଆଯାଇପାରେ । ନାଟକରେ ରାଣୀ ଚରିତ୍ରକୁ କଣ୍ଢେଇ ନାଟକର ଚରିତ୍ର କଣ୍ଢେଇମାନଙ୍କ ଭଳି ସଜ୍ଜାଯାଇଛି । ରାଣୀଙ୍କ ନାମ ମଧ୍ୟ ପୁତ୍ତଳିକା । ଯାହା କଣ୍ଢେଇର ଅନ୍ୟ ନାମ । ତାଙ୍କ ରୂପ ସଜ୍ଜା ମଧ୍ୟ ଠିକ୍ କଣ୍ଢେଇ ପରି । କଣ୍ଢେଇ ପରି ଘାଘରା ଓ ବ୍ଲାଉଜ୍ ରାଣୀ ପରିଧାନ କରିଛନ୍ତି । କଣ୍ଢେଇ ନାଚରେ କଣ୍ଢେଇମାନଙ୍କର ନିଜସ୍ୱ ସ୍ୱାଧୀନତା ଯେପରି ନଥାଏ, ଅନ୍ୟର ଇଙ୍ଗିତରେ ସେମାନେ ନାଚନ୍ତି, ରାଣୀ ମଧ୍ୟ ରାଜାଙ୍କ ଇଙ୍ଗିତରେ ପରିଚାଳିତ ହୋଇଛନ୍ତି । ରାଜା ଉଠ କହିଲେ ସେ ଉଠନ୍ତି, ବସ୍ କହିଲେ ସେ ବସନ୍ତି । ରାଜାଙ୍କ ଆଦେଶରେ ତାଙ୍କ ପାଟିରୁ ଶବ୍ଦ ବାହାରେ ନଚେତ ସମସ୍ତଙ୍କ ସାମ୍ନାରେ ସେ କେବଳ ପୁତ୍ତଳିକା ହିଁ ଉଚ୍ଚାରଣ କରିଥାନ୍ତି । କାରଣ ରାଜାଙ୍କର ଏପରି ଆଦେଶ ଥାଏ । ଉଦାହରଣ ସ୍ୱରୂପ- ଦରବାରରେ ପହଞ୍ଚିଲା ପରେ ରାଣୀ ସବାରୀରୁ ଓହ୍ଲାଇ ପ୍ରହରୀ ଗହଣରେ ମଞ୍ଚା ଉପରକୁ ଉଠିଲେ ଏବଂ ତାଙ୍କ ଆସନ ପାଖରେ ଠିଆ ହେଲେ । ସମସ୍ତେ ରାଣୀଙ୍କୁ ଦରବାରକୁ ସ୍ୱାଗତ ଜଣାଇଲେ । କିନ୍ତୁ ରାଣୀ ସେହିଭଳି ଠିଆ ହୋଇ ରହିଲେ, ରାଜାଙ୍କ ଆଦେଶ ପରେ ଯାଇ ସିଂହାସନରେ ବସିଲେ ।

"ରାଜା- ମହାରାଣୀଙ୍କୁ ମୁଁ ବସିବାକୁ ଆଦେଶ କରୁଚି ।

(ମହାରାଣୀ ତାଙ୍କ ଆସନରେ ବସିଲେ । xxx)

ରାଜା- ମହାରାଣୀଙ୍କୁ ମୁଁ ପଚାରୁଚି, ଏପରି

ସୁନ୍ଦର ରାଜ୍ୟ, ଯାହାର ପ୍ରଜାମାନଙ୍କର ମୁହଁ ଓଟମୁହାଁ ପରି ତା'ଠାରୁ ସୁନ୍ଦର ରାଜ୍ୟ ସେ ଦେଖିଛନ୍ତି କି? (ମହାରାଣୀ ନୀରବ ରହିଲେ । ତା'ର କାରଣ ଉତ୍ତର ଦେବା ପାଇଁ ସେ ରାଜାଙ୍କ ଠାରୁ ଆଦେଶ ପାଇ ନଥିଲେ । ରାଣୀଙ୍କୁ ନୀରବ ରହିବା ଦେଖି ରାଜା ବିରକ୍ତ ହୋଇ ଉଠିଲେ ।)

ରାଜା- ମହାରାଣୀଙ୍କୁ ମୁଁ ଉତ୍ତର ଦେବାକୁ ଆଦେଶ କରୁଚି। ସେ କୁହନ୍ତୁ ନାଁ ।

ରାଣୀ- ନାଁ ।

ରାଜା- (ଅନ୍ୟମାନଙ୍କୁ) ରାଣୀ ଦେଖି ନାହାନ୍ତି ।

ସମସ୍ତେ- ରାଣୀ ଦେଖି ନାହାନ୍ତି, ଦେଖି ନାହାନ୍ତି ।

ରାଜା- ଓଟମୁହାଁ ଲୋକଙ୍କ ପାଇଁ ଔଚିକ ବୋଲି ମୁଁ ଯୋଉ ନୂଆ ଶବ୍ଦ ତିଆରି କରିଚି, ସେ ସୁନ୍ଦର

ଶୁଭୁଚି କି ନାହିଁ?

ରାଣୀ- (ନୀରବ ହେଲେ)

ରାଜା- ମହାରାଣୀ ପୁତ୍ତଳିକାଙ୍କୁ ମୁଁ ଉତ୍ତର ଦବାପାଇଁ ଆଦେଶ କରୁଚି, ସେ କୁହନ୍ତୁ ସୁନ୍ଦର ।

ରାଣୀ- ସୁନ୍ଦର

ରାଜା- ରାଣୀ କହିଛନ୍ତି ସୁନ୍ଦର ।

ସମସ୍ତେ- ସୁନ୍ଦର-ସୁନ୍ଦର-ସୁନ୍ଦର ।

ରାଜା- ମହାରାଣୀ ପୁତ୍ତଳିକା ଉତ୍ତର ଦିଅନ୍ତୁ, ସେ ସୁଖୀ ତ?

ରାଣୀ- (ନିରୁତ୍ତର)

ରାଜା- ମୋର ଆଦେଶ ଉତ୍ତର । ସେ କୁହନ୍ତୁ ସୁଖୀ ।

ରାଣୀ- ସୁଖୀ ।"[୧୨]

ସେହିଭଳି ଦରବାର ଭଙ୍ଗ ହେବା ପରେ ମଧ୍ୟ ରାଣୀ ନିଜ ସ୍ଥାନରେ ବସି ରହିଛନ୍ତି । ରାଜା ଯେହେତୁ ଆଦେଶ ଦେଇ ନାହାନ୍ତି ସେଥି ପାଇଁ ସେ ସେମିତି ବସିଛନ୍ତି । ଏହା ଦେଖି ମନ୍ତ୍ରୀ ସେନାପତି ରାଣୀ କାହିଁକି ବସିଛନ୍ତି ବୋଲି ପଚାରିବାରୁ ରାଣୀ ମନେମନେ କେବଳ ପୁତ୍ତଳିକା ଛଡ଼ା ଅନ୍ୟ କିଛି ଉଚ୍ଚାରଣ କରି ନାହାଁନ୍ତି ।

"ସେନାପତି- ଆଚ୍ଛା ରାଣୀ କାହିଁକି ତଥାପି ବସିଛନ୍ତି ।

ମନ୍ତ୍ରୀ- ସତ କଥା ତ! ଦରବାର ଭଙ୍ଗ ହେଲା, ଅଥଚ ମହାରାଣୀ ତଥାପି ବସିଛନ୍ତି!

ରାଣୀ- (ସବୁ କଥା ନିଜ ମନକୁ ମନ କହୁଥିଲେ) ପୁତ୍ତଳିକା!

ସେନାପତି- ତାଙ୍କର ପରମ ସୌଭାଗ୍ୟ ଯେ, ସେ ରାଜାଧିରାଜ ସୁରେନ୍ଦ୍ର ପ୍ରତାପଙ୍କ ରାଣୀ ।

ରାଣୀ- ପୁତ୍ତଳିକା!

ମନ୍ତ୍ରୀ- ତାଙ୍କର ପରମ ସୌଭାଗ୍ୟ ଯେ, ସେ ଓଟମୁହାଁ ରାଜ୍ୟର ମହାରାଣୀ ।

ରାଣୀ- ପୁତ୍ତଳିକା!

କଟୁଆଳ- ତାଙ୍କର ଖୁସି ହବାର କଥା ଯେ, ଓଟମୁହାଁମାନେ ରାଜାଙ୍କ କଥା କହିଲାବେଳେ

ରାଣୀଙ୍କ କଥା ମନେ ପକାନ୍ତି ।

ରାଣୀ- ପୁତ୍ତଳିକା ।

xxx

ରାଣୀ- ପୁତ୍ତଳିକା!"[୧୩]

**ଯାତ୍ରା ଶୈଳୀ :**

ଲୋକ ନାଟକ ଯାତ୍ରା ସଙ୍ଗୀତ, ମଂଚ, ସଂଳାପ ଓ କାହାଣୀ ପାଇଁ ଦର୍ଶକଙ୍କର ସବୁଠାରୁ ବେଶୀ ପ୍ରିୟ । 'ଜଣେ ରାଜା ଥିଲେ' ନାଟକରେ ଯାତ୍ରା ଶୈଳୀର ମଂଚ ଓ ସଂଗୀତ ସଂଯୋଜିତ ହୋଇଛି । ଯାତ୍ରା ଶୈଳୀର ମୁକ୍ତ ମଂଚକୁ ଏହି ନାଟକରେ ଗ୍ରହଣ କରାଯାଇଛି । ସେହିପରି ଏହି ନାଟକରେ ଏକ ଯାତ୍ରା ଶୈଳୀରେ ଗୀତଟିଏ ସଂଯୋଜିତ, ଗୀତଟି - "ଲାଗିଲା ହଟ ଚମଟ ହୋ—/ଲାଗିଲା ହଟ ଚମଟ/ଦେବୀ ଆସିଲାରୁ ରାଜା ଉଆସରେ, / ଖୋଲିଲା କଂସା କବାଟ ହୋ/ଖୋଲିଲା କଂସା କବାଟ । / ତା' ଦେହକୁ ଛୁଇଁ, ପାତ୍ର ମନ୍ତ୍ରୀଙ୍କର, ବୁଡ଼ିଗଲା ସିନା ଚେତା / ନିଜକୁ ଜାଣିଲେ, ରାଜାକୁ ଚିହ୍ନିଲେ, ଦୁନିଆ ଲାଗିଲା ପିତା / ଓଟ ମୁହାଁଙ୍କର ଫିଟିଗଲା ପରା ମଣିଷ ହବାର ବାଟ ହୋ—/ଲାଗିଲା ହଟ ଚମଟ ।"[୧୪]

**ମୁଖାର ବ୍ୟବହାର :**

ଲୋକ ନାଟକଗୁଡ଼ିକରେ ମୁଖାର ବହୁଳ ବ୍ୟବହାର କରାଯାଉଥିଲା । ଛଉ ନାଟ, ବାଘ ନାଟ ଆଦି ନାଟକରେ ଏହାର ଦୃଷ୍ଟାନ୍ତ ମିଳେ । ମୁଖାଦ୍ୱାରା ଚରିତ୍ରମାନଙ୍କୁ ଚିହ୍ନେଇବାରେ ନାଟ୍ୟକାର ସମର୍ଥ ହୁଅନ୍ତି । ଉକ୍ତ ନାଟକରେ ମଧ୍ୟ ମୁଖାର ବ୍ୟବହାର କରାଯାଇଛି । ଏହି ନାଟକରେ ଓଟ ମୁଖାର ବ୍ୟବହାର କରିଛନ୍ତି ନାଟ୍ୟକାର। ନିରଂଜନ, ମନ୍ତ୍ରୀ, ସେନାପତି, କଟୁଆଳ, ସାଧବ ଆଦି ଚରିତ୍ରମାନେ ଓଟ ମୁଖା ପିନ୍ଧି ମଞ୍ଚକୁ ଆସିଛନ୍ତି । ନାଟକର ଆରମ୍ଭରେ ନିରଂଜନ ମଞ୍ଚକୁ ଆସିଛି ଏବଂ ଓଟପରି ନଇଁ ନଇଁ, ଘୁରି ଘୁରି ନାଚି ନାଚି ସେ ଗୀତ ଗାଇଛି-"ଓଟପରି ହେଇ ଥା'ନ୍ତି କୁଜ ଧରି ପିଠିରେ/ଖାଉଥା'ନ୍ତି କଣ୍ଟାସିଝୁ ବୁଲି ମରୁଭୂମିରେ ।/ରାଜା ମନ୍ତ୍ରୀ ସେନାପତି ମାରୁଥାନ୍ତେ କୋରଡ଼ା/ହସି ହସି ସହୁଥାନ୍ତି(ତାଙ୍କ) ନାଲି ଆଖି ଦୁରୁଡ଼ା ।"[୧୫]

BINDU BIMARSHA...

ଏହି ଭଳି ଭାବରେ ନାଟକରେ ନିରଂଜନ ଦୁଇଥର ଓଟପରି ନଇଁ ନଇଁ ଘୁରି ଘୁରି ନାଚିଛି ଓ ଗୀତ ଗାଇଛି । ନାଟକର ଅନ୍ୟ ଚରିତ୍ର ମନ୍ତ୍ରୀ, ସେନାପତି, ସାଧବ ଆଦି ଚରିତ୍ର ରାଜାର ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ନାହାଁନ୍ତି। କାରଣ ସେମାନେ ସମସ୍ତେ ମଣିଷ ମୁହାଁ ନୁହଁନ୍ତି ବରଂ ଓଟ ମୁହାଁ । ଓଟ ମୁହଁ ଏଠାରେ ଅନ୍ୟାୟକୁ ସହିଯାଉଥିବା ବ୍ୟକ୍ତିମାନଙ୍କର ପ୍ରତୀକ । ମୁଖାର ବ୍ୟବହାର ନାଟ୍ୟ ଚରିତ୍ରକୁ ବୁଝାଇଦେବାରେ ଓ ନାଟ୍ୟକାରଙ୍କ ଉଦ୍ଦେଶ୍ୟକୁ ସଫଳ କରିବାରେ ସାହାଯ୍ୟ କରିପାରିଛି ।

ଶେଷରେ ଏତିକି କୁହାଯାଇପାରେ ଯେ 'ଜଣେ ରାଜା ଥିଲେ' ନାଟକରେ ନାଟ୍ୟକାର ଲୋକ ଉପାଦାନର କେବଳ ସଫଳ ପ୍ରୟୋଗ କରିଛନ୍ତି ତାହା ନୁହେଁ ବରଂ ସତୁରୀ ଦଶକରେ ସୃଷ୍ଟି ହୋଇଥିବା ଦର୍ଶକ ଶୂନ୍ୟତା ସମସ୍ୟାକୁ ମଧ୍ୟ ଅନେକ ପରିମାଣରେ ଦୂର କରିପାରିଛନ୍ତି । ସାମଗ୍ରିକ ଦୃଷ୍ଟିରୁ ଏହା ନାଟ୍ୟକାରଙ୍କ ଗୋଟିଏ ସଫଳ ନାଟକ ।

**ସଙ୍କେତ ସୂଚୀ**

୧. ମିଶ୍ର, ବିଜୟ, ଜଣେ ରାଜା ଥିଲେ. ପ୍ରଥମ ପ୍ରକାଶ, ଲାର୍କ ବୁକ୍ସ, କଟକ -୨, ୧୯୮୩, ପୃଷ୍ଠା ୧୨୬–୧୨୭।

୨. ———. ଜଣେ ରାଜା ଥିଲେ. ପୃଷ୍ଠା ୧୨୮।

୩. ———. ଜଣେ ରାଜା ଥିଲେ. ପୃଷ୍ଠା କ।

୪. ———. ଜଣେ ରାଜା ଥିଲେ. ପୃଷ୍ଠା ୭୬–୭୭।

୫. ———. ଜଣେ ରାଜା ଥିଲେ. ପୃଷ୍ଠା ୭୭।

୬. ପ୍ରହରାଜ, ଗୋପାଳ ଚନ୍ଦ୍ର, ସମ୍ପାଦକ. ଉତ୍କଳ କାହାଣୀ. ପ୍ରଥମ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୬, ପୃଷ୍ଠା-୧

୭. ମିଶ୍ର, ବିଜୟ, ଜଣେ ରାଜା ଥିଲେ. ପୃଷ୍ଠା ୯୪।

୮. ———. ଜଣେ ରାଜା ଥିଲେ. ପୃଷ୍ଠା ଗ।

୯. ———. ଜଣେ ରାଜା ଥିଲେ. ପୃଷ୍ଠା ୮।

୧୦. ———. ଜଣେ ରାଜା ଥିଲେ. ପୃଷ୍ଠା ୩।

୧୧. ———. ଜଣେ ରାଜା ଥିଲେ. ପୃଷ୍ଠା ୧୨୧–୧୨୨।

୧୨. ———. ଜଣେ ରାଜା ଥିଲେ. ପୃଷ୍ଠା ୫୨–୫୩।

୧୩. ———. ଜଣେ ରାଜା ଥିଲେ. ପୃଷ୍ଠା ୬୨–୬୩।

୧୪. ———. ଜଣେ ରାଜା ଥିଲେ. ପୃଷ୍ଠା ୭୪।

୧୫. ———. ଜଣେ ରାଜା ଥିଲେ. ପୃଷ୍ଠା ୩।


«««


| | |
|---|---|
| **Funding Statement:** | This research received no external funding |
| **Conflict of Interest:** | No |
| **Plagiarism Test:** | Yes<br>Similarity Index: 0% |
| **Ethical Approval:** | Not applicable |


| | |
|---|---|
| **License:** | Loka upadānara saphala rūpāyaṇa Bijaya Mishranka 'Jane Raja Thile' © 2025 by Dr.Geetanjali Sahoo is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/ |